भाकृअनुप – राष्ट्रीय चावल अनुसंधान संस्थान

ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ୨୦୨୩ ମସିହା ଅକ୍ଟୋବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ବିଳମ୍ବରେ ରୁଆଯାଇଥିବା ଧାନରେ କେଣ୍ଡା ବାହାରିବା ଆରମ୍ଭ ଅବସ୍ଥାରେ (ରୋଇବାର ୫୦ ରୁ ୫୫ ଦିନ ପରେ) ଦ୍ୱିତୀୟ ପିଲସାର ଭାବେ ଏକର ପ୍ରତି ୧୭.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଲିଆ ମାଟି ଜମି ହୋଇଥିଲେ ୧୭.୫ କି.ଗ୍ରା. ୟୁରିଆ ସହିତ ୧୩ କି.ଗ୍ରା. ଏମ୍.ଓ.ପି.(ପଟାସ ସାର) ପ୍ରୟୋଗ କରନ୍ତୁ ।

- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା ୪୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ଯଦି ଲେଡାପୋକ, ବିରହା ପୋକ କିମ୍ବା ନଳିପୋକ ଦେଖାଯାଏ, ତେବେ ଏକର ପିଛା ୪୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. କିମ୍ବା ୪୦୦ ମି.ଲି. ପେନ୍ଥୋଏଟ୍ ୫୦% ଇ.ସି. କିମ୍ବା ୫୦୦ ମି.ଲି. ଟ୍ରାଇଜୋଫସ୍ ୪୦% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- ଯଦି ବଙ୍ଗୀପୋକ ଦେଖାଯାଏ, ତେବେ ଏକର ପ୍ରତି ୪୦୦ ରୁ ୬୦୦ ମି.ଲି. ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧୦୦ ମି.ଲି. ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. କାର୍ବୋସଲଫାନ୍ ୨୫% ଇ.ସି. କିମ୍ବା ୧୦ କି.ଗ୍ରା କାର୍ଟାପ୍-ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୧୦ କି.ଗ୍ରା. କାର୍ବୋଫୁରାନ୍ ୩ ଜି. ପ୍ରୟୋଗ କରନ୍ତୁ ।

- ମାଟିଆଗୁଣ୍ଡି ପୋକ(ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍. ଜି. ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ୬୦ ଗ୍ରାମ୍ ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁ.ଜି. ପ୍ରୟୋଗ କରନ୍ତୁ । ଚକଡା ପୋକ ସମୟରେ ଯବକ୍ଷାରଜାନ ଯୁକ୍ତ ସାର ପ୍ରୟୋଗ ନକରି ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- ପତ୍ରାଚ୍ଛଦ ପୋଡାରୋଗ ଦମନ କରିବା ପାଇଁ ଏକର ପ୍ରତି ପ୍ରୋପିକୋନାଜୋଲ୍ ୨୫ ଇ.ସି. ୨୦୦ ମି.ଲି. କିମ୍ବା ହେକ୍ସାକୋନାଜଲ ୫ ଇ.ସି. ୪୦୦ ମି.ଲି. କିମ୍ବା ଭାଲିଡାମାଇସିନ୍ ୩ଏଲ୍ ୪୦୦ ମି.ଲି. କିମ୍ବା ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫%(ନାଟିଭୋ ୭୫ ଡବ୍ଲ୍ୟୁ.ଜି) ୮୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ । ଏକ ଏକର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।

- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖାଦେଲେ ଯବକ୍ଷାରଜାନ ଯୁକ୍ତ ଶୀର୍ଷସାର (ୟୁରିଆ/ଡି.ଏ.ପି.) ପ୍ରୟୋଗ କରନ୍ତୁ ନାହିଁ । ଯଦି ପାଣି ଜମି ରହିଥାଏ ନିଷ୍କାସନ ବ୍ୟବସ୍ଥା କରି ଏକର ପିଛା ୫ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ଏକର ପ୍ରତି ଷ୍ଟ୍ରେପ୍ଟୋମାଇସିନ୍ ସଲଫେଟ୍ (୯%) + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ (୧%) ୧୨୦ ଗ୍ରାମ୍ ସହିତ କପର୍ ଅକ୍ସିକ୍ଲୋରାଇଡ୍ ୨୦୦ ଗ୍ରାମ୍ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।

- ❖ ମହିଷାରୋଗ ଦେଖା ଦେଲେ ଏକର ପ୍ରତି ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୮୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ୪୦୦ ଗ୍ରାମ ହିସାବରେ ସିଂଚନ କରନ୍ତୁ । ନତୁବା ଏକ ଲିଟର ପାଣିରେ ସତେଜ ବେଲପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ଓ ଭଲଭାବେ ଛାଣି ସିଂଚନ କରନ୍ତୁ । ନତୁବା ଜୈବିକ ଉପଚାର ଭାବେ ଏକର ପ୍ରତି ଟ୍ରାଇକୋଡର୍ମା ଭିରିଡି(ଅନ୍ୟୁନ $୧୦^{୬}$ ସି.ଏଫ୍.ୟୁ) ୨ କି.ଗ୍ରା. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ❖ ସାହାରା ରୋଗ ଦେଖାଦେଲେ ଏକର ପ୍ରତି ୪୦୦ ଗ୍ରାମ୍ କପର ହାଇଡ୍ରୋକ୍ସାଇଡ୍ ୭୭% (କୋସିଡ୍ ୧୦୧) କିମ୍ବା ୪୦୦ ଗ୍ରାମ୍ ଟେବୁକୋନାଜୋଲ ୨୫% (ଫୋଲିକର) ୭ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ ।

- ❖ ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନଲୋଡ କରି ବ୍ୟବହାର କରିପାରିବେ ।

- ❖ କମ୍ ଆର୍ଦ୍ରତା ବା ସୁଖା ପ୍ରଭାବିତ ଅଂଚଳରେ ଯେଉଁଠି ଧାନ ଫସଲ ହୋଇପାରିବ ନାହିଁ, ଉଚ୍ଚ ଓ ମଧ୍ୟମ ଜମିରେ ଚାଷୀଭାଇମାନେ କୋଶଳା ଶାଗ, ମାଂଡିଆ, କୋଳଥ, ମୁଗ, ବିରି, ଝୁଡଙ୍ଗ, କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପଦିନିଆ ପୂର୍ବ ରବି ଫସଲ ହିସାବରେ କରିପାରିବେ ।

## ପ୍ରବଳ ବର୍ଷା କିମ୍ବା ନିଅଁଟିଆ ବର୍ଷା ହ୍ରାସ ପାଇଥିବା ଅଂଚଳଗୁଡିକ ପାଇଁ ବିଶେଷ କୃଷି -ପରମର୍ଶ

- ଯେଉଁଠାରେ ଅତ୍ୟଧିକ ବୃଷ୍ଟିପାତ ହୋଇଥିବ, ଧାନ କ୍ଷେତରୁ ଅଧିକ ଜଳ ନିଷ୍କାସନ କରନ୍ତୁ ।
- ବର୍ତମାନର ଅବସ୍ଥା ଯେପରିକି ମେଘୁଆ ଆକାଶ, ଉଚ୍ଚ ଆର୍ଦ୍ରତା, ଦିନର ଉଚ୍ଚ ତାପମାତ୍ରା ସହିତ ମଧ୍ୟବର୍ତୀ ବର୍ଷା (ଯଥା କଳାହାଣ୍ଡି, ନୂଆପଡା) କିନ୍ତୁ ରାତିର କମ୍ ତାପମାତ୍ରା ଦ୍ୱାରା ପତ୍ରପୋଡା ରୋଗ, ପତ୍ରରେଖା ରୋଗ, ପତ୍ରାଚ୍ଛଦ ପୋଡା ରୋଗ ଇତ୍ୟାଦି ଅନେକ ରୋଗ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ । ନିଜ କ୍ଷେତ୍ରରେ ସଜାଗ ରୁହନ୍ତୁ । ଜୀବାଣୁ ଜନିତ ରୋଗ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ପ୍ଲାଂଟୋମାଇସିନ୍ ସହିତ ୨୦ ଗ୍ରାମ୍ କପର ଅକ୍ସାକ୍ଲୋରାଇଡ୍ ପ୍ରୟୋଗ କରନ୍ତୁ । ଯଦି ଧାନ କ୍ଷେତ୍ରରେ ପତ୍ରାଚ୍ଛଦା ପୋଡା ରୋଗ ଦେଖାଯାଏ, ତେବେ ୫ ଲିଟର ପାଣିରେ ଟେବୁକୋନଜୋଲ ୫୦% ସହିତ ୨ ଗ୍ରାମ୍ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. କିମ୍ବା ୧.୫ ମି.ଲି. ଲିଟର ପାଣିରେ ଇସୋପ୍ରୋଥିଓଲାନ୍ ୪୦ ଇ.ସି. ସ୍ପ୍ରେ କରନ୍ତୁ । ୭-୧୦ ଦିନ ବ୍ୟବଧାନରେ ସ୍ପ୍ରେକୁ ପୁନରାବୃତି କରନ୍ତୁ ।

## ଜଳ ଏବଂ ରୋଗ ପରିଚାଳନା

### ସୁନ୍ଦରଗଡ ଏବଂ ଦେଓଗଡ :

ଧାନ ପ୍ରତିରୋପଣ ଠାରୁ ପିଲ ବାହାରିବା ପର୍ଯ୍ୟନ୍ତ ଜମିରେ ୦.୫ ଇଂଚ ପାଣି ରଖନ୍ତୁ । ସେବେଠାରୁ ଜମିରେ ଧାନ ଦାନା ହେବା ପର୍ଯ୍ୟନ୍ତ ୨ ଇଂଚ ଜଳ ରଖନ୍ତୁ । କମ ଦିନିଆ କିସମ କ୍ଷେତ୍ରରେ ବୁଣିବାର ୨୧ ଦିନ ପରେ ଧାନରେ ଏକର ପ୍ରତି ୮ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

**ମୟୁରଭଞ୍ଜ ଓ କେନ୍ଦୁଝର :** ଚାଷୀଙ୍କୁ ଧାନ କ୍ଷେତରେ ୩-୫ ସେ.ମି. ଜଳସ୍ତର ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି । କ୍ଷେତରେ କୀଟନାଶକ ଔଷଧ ସ୍ପ୍ରେ କରାଯାଇପାରେ । ସ୍ମାର୍ଟଫୋନ୍ ବ୍ୟବହାରକାରୀ ମୌସମ , ମେଘଦୁତ ଏବଂ ଦାମିନୀ ଆପରୁ ଅବସ୍ଥାନ ଅନୁଯାଇ ପାଣିପାଗ ସୂଚନା ପାଇପାରିବେ ।

- ଜଳସେଚନ ପାଇଁ ପାନିକଲ୍ ଆରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । କ୍ଷେତ ଶୁଖିଗଲେ ଜଳସେଚନ ଯୋଗାନ୍ତୁ ।
- ଧାନ କ୍ଷେତରେ ଶୀସ୍ର ସାର ଭାବେ ୟୁରିଆର ବ୍ୟବହାର କରାଯାଇପାରିବ ।
- କ୍ଷେତରୁ ତୃଣକ ହଟାନ୍ତୁ । କ୍ଷେତରେ ଜଳସ୍ତର ରକ୍ଷଣାବେକ୍ଷଣ କରାଯିବା ଉଚିତ୍ ।

- ପତ୍ରପୋଡା ରୋଗ ଏବଂ ପତ୍ରାଚ୍ଛଦ ପୋଡା ରୋଗ ପାଇଁ  ୧ ଲିଟର ପାଣିରେ ୧ ଗ୍ରାମ୍ ହେକ୍ସାକୋନାଜୋଲ୍  ସହିତ ପ୍ଲାଂଟୋମାଇସିନ୍ ସ୍ପ୍ରେ କରନ୍ତୁ ।
- ମହିଷା ରୋଗ ପରିଚାଳନା ପାଇଁ ୨୦୦ ଗ୍ରାମ୍ ଟ୍ରାଇସାଇକ୍ଲୋଜୋଲ ୭୫ ଡବ୍ଲ୍ୟୁ.ପି. କିମ୍ବା କାର୍ବେଣ୍ଡାଜିମ୍  କିମ୍ବା ଏକର ପ୍ରତି ୧୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ମୁଖ୍ୟ କ୍ଷେତ୍ରରେ ପତ୍ର ଉପରେ ସ୍ପ୍ରେ କରନ୍ତୁ ।
- ପତ୍ରଚିତା ରୋଗ ପରିଚାଳନା ପାଇଁ  ଏକ ଲିଟର ପାଣିରେ ୧ ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. ପ୍ରୟୋଗ କରନ୍ତୁ ।

**ବାଲାସୋର, ଭଦ୍ରକ ଏବଂ ଜାଜପୁର :**

- ଯଦି ଧାନ ଫସଲ ଜଳମଗ୍ନତା ଦ୍ୱାରା ପ୍ରଭାବିତ ହୁଏ ତେବେ ତୁରନ୍ତ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ।
- ବର୍ଷା ପରେ ପତ୍ରମୋଡା ପୋକ ଦ୍ୱାରା ସଂକ୍ରମଣ ବୃଦ୍ଧି ପାଇବ ତେଣୁ  ଏକର ପ୍ରତି ୪୦୦ ଗ୍ରାମ୍ କାର୍ଟାଫାଇଡ୍ରୋକ୍ଲୋରିଡ୍ କି ମ୍ବା ୩୦୦ ମି.ଲି. ଲାମ୍ବଡାସାଇହାଲୋଥ୍ରିନ୍ ୪.୯ ସି,ଏସ୍ ପ୍ରୟୋଗ କରନ୍ତୁ ।
- ଫେରୋମନ୍ ଏବଂ ଆଲୋକ ଯନ୍ତ୍ରା ସଂସ୍ଥାପନ କରି କ୍ଷେତ୍ରକୁ ବାରମ୍ବାର ପରିଦର୍ଶନ କରି ହଳଦିଆ କାଣ୍ଡବିନ୍ଧା ପୋକର କାର୍ଯ୍ୟକଳାପ ଉପରେ ନଜର ରଖନ୍ତୁ ।
- କେତେକ କ୍ଷେତ୍ରରେ ପତ୍ରପୋଡା ଏବଂ ପତ୍ରରେଖା ରୋଗ ଦେଖାଗଲେ, ଏକର ପ୍ରତି ୫୦୦ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ ସହିତ ୨୦୦ ଗ୍ରାମ ପ୍ଲାଂଟୋମାଇସିନ୍ ପ୍ରୟୋଗ କରନ୍ତୁ  ଏବଂ ଅତିରିକ୍ତ ସାର ଭାବେ ଏକର ପ୍ରତି ୧୨.୫ କି.ଗ୍ରା. ଏମ୍.ଓ.ପି. ପ୍ରୟୋଗ କରନ୍ତୁ
- କେତେକ କ୍ଷେତ୍ରରେ ପତ୍ରମୋଡା ଏବଂ ହଳଦିଆ କାଣ୍ଡବିନ୍ଧା ପୋକ ଦେଖାଗଲେ ଏକର ପ୍ରତି ୪୦୦ ଗ୍ରାମ୍ କାର୍ଟାପଫାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍.ପି. କିମ୍ବା ଫିପ୍ରୋନିଲ୍ ୫ ଏସ୍.ସି. ପ୍ରୟୋଗ କରନ୍ତୁ ।

**କଟକ, ଗଞ୍ଜାମ, ଜଗତସିଂପୁର, କେନ୍ଦ୍ରାପଡା, ପୁରୀ, ନୟାଗଡ ଏବଂ ଖୋର୍ଦ୍ଧା :**

- **ପତ୍ରପୋଡା ରୋଗ :** ଧାନରେ ପତ୍ରପୋଡା ରୋଗ ଦେଖାଗଲେ ଏକର ପ୍ରତି ୬୦୦ ଗ୍ରାମ୍ କପର ହାଇଡ୍ରେକ୍ସାଇଡ୍ ୫୩.୮% ଡି.ଏଫ୍ କିମ୍ବା ୨୦୦ ଗ୍ରାମ୍ ପ୍ଲାଂଟୋମାଇସିନ ସହିତ ୬୦୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁ.ପି. ସ୍ପ୍ରେ କରନ୍ତୁ ।
- ମାଟିଆ ଗୁଣ୍ଡି ପୋକ : ଧାନରେ ମାଟିଆଗୁଣ୍ଡିପୋକ ସଂକ୍ରମଣ ହେବାର ଏକ ସୁଯୋଗ ଅଛି । ଯଦି ବୁଦା ପ୍ରତି ୧୦-୧୫ ରୁ ଅଧିକ ପୋକ ଲକ୍ଷ୍ୟ କରାଯାଏ, ଏକର ପ୍ରତି ୧୨୦ ଗ୍ରାମ୍ ପାଇମେଟ୍ରୋଜାଇନ୍ ୫୦% ଡବ୍ଲ୍ୟୁ.ଜି  କିମ୍ବା ୮୦ ଗ୍ରାମ୍ ଡିନୋଟୋଫ୍ୟୁରାନ୍ ୨୦% ଏସ୍.ଜି. କିମ୍ବା ୬୦ ଗ୍ରାମ୍ ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁ.ଜି. କିମ୍ବା ୧୦୦ ମି.ଲି. ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ଗଛମୂଳରେ ସ୍ପ୍ରେ କରନ୍ତୁ ।

**କନ୍ଧମାଳ, ଗଜପତି, ରାୟଗଡା**

- ଜିଙ୍କ୍ ଅଭାବି ମାଟିରେ ଯଦି ଅନ୍ତିମ ଜମି ପ୍ରସ୍ତୁତି ସମୟରେ ଜିଙ୍କ୍ ସଲଫେଟ୍ ପ୍ରୟୋଗ କରାଯାଇନଥାଏ, ତେବେ ଧାନ ରୋଇବାର ୩୦ ରୁ ୪୫ ଦିନ ପରେ ଲିଟର ପ୍ରତି ୦.୫ ଗ୍ରାମ୍ ଜିଙ୍କ୍-ଇଡିଟିଏ ସିଂଚନ କରନ୍ତୁ ।
- ବିକଳ୍ପ ଓଦା ଏବଂ ଶୁଖିବା ଜଳସେଚନ ପଦ୍ଧତି ଦ୍ୱାରା ମହିଷା ରୋଗ ଏବଂ ବର୍ଷା ପରେ କାଣ୍ଡସଢ଼ା ରୋଗ ଓ ପତ୍ରାଚ୍ଛଦ ପୋଡା ରୋଗ ହୋଇପାରେ ।
- ମହିଷା ରୋଗକୁ ନିୟନ୍ତ୍ରଣ କରିବା ପାଇଁ ନାଇଟ୍ରୋଜେନ୍ ସାର ଏବଂ କୀଟନାଶକ ପ୍ରୟୋଗ କରନ୍ତୁ । ଜମିରେ ଘାସ ବଢ଼ିବାକୁ ଦିଅନ୍ତୁନି ।

**କୋରାପୁଟ, ନବରଙ୍ଗପୁର, ମାଲକାନାଗିରି, ଅନୁଗୁଳ ଓ ଢେଙ୍କାନାଳ :**

- ଉଚ୍ଚ ଅମଳକ୍ଷମ କିସମ ପାଇଁ ପିଲ ବାହାରିବା ସମୟରେ ଏକର ପ୍ରତି ୩୫ କି.ଗ୍ରା. ୟୁରିଆ ଏବଂ ଶଙ୍କର ଜାତୀୟ ଧାନ ପାଇଁ ଏକର ପ୍ରତି ୪୨ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ।

- ବର୍ତମାନର ପରିସ୍ଥିତିରେ ଧାନରେ ମହିଷା ରୋଗ ଦେଖାଗଲେ ଏକ ଲିଟର ପାଣିରେ ୦.୪ ଗ୍ରାମ୍ ଟେବୁକୋନଜୋଲ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି କିମ୍ବା ଏକ ଲିଟର ପାଣିରେ ୧ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ ୪୫% ସହିତ ହେକ୍ସାକୋନାଜେଲ ୧୦% ଡବ୍ଲ୍ୟୁ.ଜି ସିଂଚନ କରନ୍ତୁ ।
- କାଣ୍ଡବିନ୍ଧା ଏବଂ ପତ୍ରମୋଡା ରୋଗ ଦେଖାଗଲେ ଲିଟର ପ୍ରତି ୦.୩ ମି.ଲି.କ୍ଲୋରାଣ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. କିମ୍ବା ୦.୨୫ ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦% ଡବ୍ଲ୍ୟୁ.ଜି ସିଂଚନ କରନ୍ତୁ ।
- ପତ୍ରପୋଡା ରୋଗକୁ ନିୟନ୍ତ୍ରଣ କରିବା ପାଇଁ ୩ ଗ୍ରାମ୍ କପର ଅକ୍ସାକ୍ଲୋରିଡ୍ ଏବଂ ଲିଟର ପ୍ରତି ୦.୧୫ ଗ୍ରାମ୍ ଷ୍ଟ୍ରେପ୍ଟୋମାଇସିନ୍ + ଟେଟ୍ରାସାଇକ୍ଲିନ୍ (୯୦+୧୦) ଦିନ ଆଲୋକ ସମୟରେ ସିଂଚନ କରନ୍ତୁ ।

**ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ବରଗଡ, ବୌଦ୍ଧ :**

- ଧାନ ଗଛର ଅଭିବୃଦ୍ଧି ପାଇଁ କୃଷକମାନଙ୍କୁ ଧାନ କ୍ଷେତରେ  ୫ ସେ.ମି. ଜଳ ଏବଂ କ୍ଷେତରେ ଅତିରିକ୍ତ ଜଳ ସଂରକ୍ଷଣ ପାଇଁ ବନ୍ଧ କରିବାକୁ ପରାମର୍ଶ ଦିଆଯାଇଛି ।
- ଧାନ କ୍ଷେତରେ ବିଭିନ୍ନ କୀଟପତଙ୍ଗ ଆକ୍ରମଣ(କାଣ୍ଡବିନ୍ଧା, ପତ୍ରମୋଡା ଇତ୍ୟାଦି) ପାଇଁ ଅତୀତର ପାଣିପାଗ ଅବସ୍ଥା ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ନଜର ରଖିବାକୁ ପରାମର୍ଶ ଦିଆଯାଉଛି । ଯଦି ଆକ୍ରମଣ ପରିଲକ୍ଷିତ ହୁଏ ତେବେ ଲିଟର ପ୍ରତି ୦.୩ ମି.ଲି. ରାଇନାକ୍ସାଇପିର ୧୮.୫% ଏସ୍.ସି. କିମ୍ବା ୧.୨୫-୧.୫ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍.ପି. ଔଷଧରେ ଆକଶ ସଫା ଥିବା ସମୟରେ ପ୍ରୟୋଗ କରନ୍ତୁ ।

*****